ଓଡ଼ିଶାରେ ଶ୍ରମିକଙ୍କ ହିତରେ ଶ୍ରମ ନିର୍ଦ୍ଦେଶାଳୟ

ଡକ୍ଟର ଅଲେଖ ଚନ୍ଦ୍ର ପଢିଆରୀ

''ତୁମେ ଦେଖି ଅଛ ଶିଳାରେ ଭାରତ ରମ୍ୟକଳାର ରୂପ,
ମୁଁ ଦେଖିଛି ତହିଁ କୋଟି କଙ୍କାଳ ଭଗ୍ନ ବୁକୁର ସ୍ତୂପ ।
ମୂଲିଆର ଆଖି ନେଇ,
ମୁଁ ଦେଖିଛି ସେହି ମନ୍ଦିର ରୂପ ବ୍ୟଥାର ଆରତି ଦେଇ ।''

ସଚ୍ଚି ରାଉତରାୟ

ଓଡ଼ିଶାରେ ଆଧୁନିକ ଶ୍ରମିକ ଶ୍ରେଣୀର ଆବିର୍ଭାବ ବହୁ ବିଳମ୍ବରେ ଘଟିଥିବାରୁ ସେମାନେ ଏକ ଶକ୍ତ ଅଗ୍ରଗାମୀ ଶ୍ରେଣୀଭାବେ ସଙ୍ଗଠିତ ହୋଇ ରାଜ୍ୟର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ଜୀବନରେ ହସ୍ତକ୍ଷେପ କରିବା ଏଯାବତ୍ ସମ୍ଭବ ହୋଇନାହିଁ । ଓଡ଼ିଶାରେ ଶ୍ରମିକ ଆନ୍ଦୋଳନ ଏବେ ମଧ୍ୟ ବହୁ ପଛରେ । ଏହା ସତ୍ତ୍ୱେ ସେମାନଙ୍କର ଶକ୍ତି ଓ ସାମର୍ଥ୍ୟକୁ ଅଣଦେଖା କରିହେବ ନାହିଁ ।

ଓଡ଼ିଶାର ଶ୍ରମିକ ଶ୍ରେଣୀର ଉଦ୍ଭବ ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା କରିବାକୁ ହେଲେ ଶ୍ରେଣୀ ସଂଗ୍ରାମର ତତ୍ତ୍ୱଟିକୁ ଜାଣିବାକୁ ହେବ । ''ପ୍ରତ୍ୟେକ ଐତିହାସିକ ଯୁଗରେ ଯେଉଁ ଆର୍ଥିକ ଉତ୍ପାଦନ ବ୍ୟବସ୍ଥା ଓ ସମାଜ ସଂଗଠନ ଦେଖିବାକୁ ମିଳେ, ତାହା ସେହି ଐତିହାସିକ ଯୁଗରୁ ହିଁ ସମ୍ଭୂତ ଏବଂ ତାହା ହେଉଛି ସେହି ଯୁଗର ରାଜନୈତିକ ଓ ମାନସିକ ଇତିହାସର ଭିତ୍ତି । ତା' ଫଳରେ (ଆଦିମ ଯୌଥ ଭୂ-ମାଳିକର ବିଲୋପ ପରଠାରୁ) ସମସ୍ତ ଇତିହାସ ହେଉଛି ଶ୍ରେଣୀ ସଂଗ୍ରାମର ଇତିହାସ, ଅର୍ଥାତ୍ ଶୋଷିତ ଓ ଶୋଷକ ଶ୍ରେଣୀର ସଂଗ୍ରାମ । ସାମାଜିକ ବିକାଶର ବିଭିନ୍ନ ପର୍ଯ୍ୟାୟରେ ଶାସକ ଓ ଶୋଷିତ ଶ୍ରେଣୀ ସଂଗ୍ରାମ । କିନ୍ତୁ ଆଜି ଏହି ସଂଗ୍ରାମ ଏପରି ଏକ ପର୍ଯ୍ୟାୟରେ ଆସି ଉପନୀତ ହୋଇଛି ଯେତେବେଳେ କି ଶୋଷିତ ନିର୍ଯାତିତ ଶ୍ରେଣୀ (ସର୍ବହରା ଶ୍ରେଣୀ) ସମଗ୍ର ସମାଜକୁ ଶୋଷଣ, ନିର୍ଯାତନା ଓ ଶ୍ରେଣୀ ସଂଗ୍ରାମ କବଳରୁ ମୁକ୍ତ କରିବା ବିନା କଦାପି ଶୋଷକ ଓ ଅତ୍ୟାଚାରୀ ଶ୍ରେଣୀ (ବୁର୍ଜୁଆ ଶ୍ରେଣୀ)ର କବଳରୁ ମୁକ୍ତ କରିପାରିବ ନାହିଁ ।'' ଶ୍ରେଣୀ ସଂଗ୍ରାମର ଏହି ଇତିହାସ ବିବର୍ତ୍ତନର ବହୁ ପର୍ଯ୍ୟାୟ ଭିତର ଦେଇ ଅଗ୍ରସର ହୋଇଚାଲିଛି ଏବଂ ବର୍ତ୍ତମାନ ବିଶ୍ୱୀକରଣ ଅର୍ଥନୀତିରେ ଏହା ନୂତନ ରୂପରେ ଦେଖାଦେଇଛି ।

ପୁଞ୍ଜିର ଉତ୍ପାଦକ ଓ ପୁଞ୍ଜିର ଅଭିବୃଦ୍ଧି ସହିତ ଶ୍ରମିକ ଶ୍ରେଣୀର ଉଦ୍ଭବ, ବିକାଶ ଓ ସଂଗ୍ରାମ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା । ୧୯୩୭-୩୮ ମସିହା ବେଳକୁ ଓଡ଼ିଶାରେ ଶିଳ୍ପ କହିଲେ ଶୂନ । ତଥାପି ଗଢି ଉଠିଛି କଟକ ପ୍ରେସ୍ କର୍ମଚାରୀ ସଂଘ, ପୁରୀମୋହାରା ୟୁନିୟନ୍ କିନ୍ତୁ ଏହା ଅତି ପ୍ରାଥମିକ ଅର୍ଥନୈତିକ ଟ୍ରେଡ୍ ୟୁନିୟନ କ୍ଷେତ୍ରରେ ସୀମିତ । ଓଡ଼ିଶାର ମୁଖ୍ୟ ଶ୍ରମିକ ଶ୍ରେଣୀ କଲିକତାରେ- ସେଠାରେ ଯେଉଁମାନେ ସଂଗଠନ ମାଧ୍ୟମରେ କାମ କରୁଥିଲେ, ସେମାନଙ୍କ ମଧ୍ୟରୁ କେତେକ ପରବର୍ତ୍ତୀ କାଳରେ ଓଡ଼ିଶାର ଶ୍ରମିକ ଆନ୍ଦୋଳନର ସଂଗଠକ ହୋଇଛନ୍ତି । ୧୯୩୩ ମସିହାରେ ରମ୍ଭା ରେଳଷ୍ଟେସନ ନିକଟରେ ଛତ୍ରପୁରର ଜଣେ ବ୍ୟବସାୟୀ ଏକ ଚାଉଳ କଳ ସ୍ଥାପନ କରିଥିଲେ, ଯେଉଁଠାରେ ୧୮ଜଣ ଶ୍ରମିକ କାର୍ଯ୍ୟ କରୁଥିଲେ । ଜଣେ ମିସ୍ତ୍ରୀ ଓ ଅନ୍ୟ ସମସ୍ତେ ତାଙ୍କର ସହଯୋଗୀ ଶ୍ରମିକ । ମାଲିକ ନିଜେ ତା'ର ପରିଚାଳକ । ସେମାନଙ୍କୁ ମାସକୁ ମଜୁରି ୮ଟଙ୍କାରୁ ୧୨ଟଙ୍କା ଦିଆଯାଉଥିଲା ।

ସୁଜନ ଭଟ୍ଟାଚାର୍ଯ୍ୟ ସୁଦୂର କଲିକତାରୁ ରମ୍ଭା ରେଳଷ୍ଟେସନରେ ତତ୍କାଳୀନ ଷ୍ଟେସନ ମାଷ୍ଟର ଯେ କି ତାଙ୍କ ବନ୍ଧୁଥିଲେ, ତାଙ୍କ ଘରେ ପହଞ୍ଚିଲେ । ସେ ଚାଉଳ କଳ ସମ୍ପର୍କରେ ଜାଣି ସେଠାକାର ଶ୍ରମିକମାନଙ୍କୁ ଅଧିକ ମଜୁରି ଦାବି ପାଇଁ ବୁଝାଇଲେ । ଦୁଇଜଣ ଶ୍ରମିକ ସେମାନଙ୍କର ଗୁହାରି ମାଲିକଙ୍କୁ ଜଣାଇବାରୁ ମାଲିକ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରିଦେଲେ । ଏହା ବିରୋଧରେ ଅନ୍ୟାନ୍ୟ ଶ୍ରମିକମାନେ କାର୍ଯ୍ୟ ବନ୍ଦ କଲେ, ଯାହା ଫଳରେ ମାଲିକ

କ୍ଷୁବ୍ଧ ହୋଇ ଚାଉଳ କଳରେ ତାଲା ପକାଇ ଛତ୍ରପୁର ଚାଲିଗଲେ । ଏହା ୧୯୩୫ ମସିହା ଜାନୁଆରୀ ୨ୟ ସପ୍ତାହର ଘଟଣା । ଚାରିଦିନ କାଳ ଏ ପରିସ୍ଥିତି ରହିବାରୁ ରମ୍ଭା ଗ୍ରାମବାସୀମାନେ ହସ୍ତକ୍ଷେପ କରି ମାଲିକ ମୂର୍ତ୍ତିବାବୁଙ୍କୁ ଡାକି ଆଣିଲେ ଓ ସମସ୍ୟାର ସମାଧାନ ହେଲା । ମିସ୍ତ୍ରୀଙ୍କ ମଜୁରି ମାସିକ ୧୫ଟଙ୍କା ହେଲା, ଅନ୍ୟ ଶ୍ରମିକମାନଙ୍କ ମଜୁରି ମାସିକ ୨ଟଙ୍କା ବଢ଼ି ଦଶଟଙ୍କା ହେଲା । ସବୁ ଶ୍ରମିକଙ୍କୁ ଗୋଟିଏ ଗୋଟିଏ ଧୋତି ମିଳିଲା । ସୁଜନବାବୁଙ୍କ ଉପସ୍ଥିତିରେ ଏହି ରାଜିନାମା ସ୍ୱାକ୍ଷରିତ ହେଲା ଏବଂ ଶ୍ରମିକମାନଙ୍କୁ ଚାରିଘଣ୍ଟା ବିଶ୍ରାମ ମିଳିଲା । ଏହି ଚୁକ୍ତିନାମା ଜାନୁଆରୀ ୧୪ ତାରିଖ ମକର ସଂକ୍ରାନ୍ତି ଦିନ ହୋଇଥିବା ଯୋଗୁଁ ୧୯୩୫ ଜାନୁଆରୀ ୧୪ ତାରିଖକୁ ଓଡ଼ିଶାର ଶ୍ରମିକ ଆନ୍ଦୋଳନର ଜନ୍ମତିଥି ଭାବରେ ଗ୍ରହଣ କରାଯାଏ । ରମ୍ଭା ଚାଉଳ କଳ ଶ୍ରମିକ ସଂଘ ଶ୍ରମିକ ସଂଘ, ଆଇନ୍ ୧୯୨୬ ଅନୁସାରେ ମାନ୍ଦ୍ରାଜ ପ୍ରେସିଡେନ୍ସିରେ ରେଜେଷ୍ଟ୍ରିଭୁକ୍ତ ହେଲା ।

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ଏପ୍ରିଲ ୧ ତାରିଖ ୧୯୩୬ ମସିହାରେ । ସ୍ୱାଧୀନତା ପୂର୍ବରୁ ରାଜନୀତିରେ ଶ୍ରମିକମାନଙ୍କର ଏକ ବିଶେଷ ଭୂମିକା ଥିଲା । ପ୍ରଥମେ ୧୯୧୯ ମସିହାରେ ସଂସ୍କାର ଆଇନ ଶ୍ରମିକ ପ୍ରତିନିଧିଙ୍କୁ ସଂସଦକୁ ମନୋନୀତ କରିବା ସମ୍ପର୍କରେ ଧାରା ୭୨ରେ ଉଲ୍ଲେଖ ଥିଲା । ୧୯୩୫ ମସିହାରେ ପ୍ରଣୀତ ଭାରତ ସରକାରଙ୍କ ଆଇନ ଅନୁସାରେ କେନ୍ଦ୍ରର ଫେଡେରାଲ ଆସେମ୍ବ୍ଲି ବା ସଂସଦକୁ ୧୦ଜଣ ଓ ପ୍ରାଦେଶିକ ସଂସଦକୁ ୩୮ଜଣ ଶ୍ରମିକ ପ୍ରତିନିଧି ନିର୍ବାଚିତ ହେବା ନିମନ୍ତେ ବ୍ୟବସ୍ଥା କରାଗଲା। ୧୯୩୭ରେ ପ୍ୟାରୀଶଙ୍କର ରାୟ କଂଗ୍ରେସ ପକ୍ଷରୁ ଶ୍ରମିକ ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିବା ବେଳେ ୧୯୪୬ରେ କମ୍ୟୁନିଷ୍ଟ ଦଳପକ୍ଷରୁ ବୈଦ୍ୟନାଥ ରଥ ନିର୍ବାଚିତ ହୋଇଥିଲେ ।

୧୯୪୪ ଅଗଷ୍ଟ ଠାରୁ ୧୯୪୬ ଶେଷ ସୁଦ୍ଧା ଓଡ଼ିଶାରେ ସର୍ବମୋଟ ୨୯ଟି ଶ୍ରମିକ ସଂଗଠନକୁ ରେଜିଷ୍ଟ୍ରିଭୁକ୍ତ କରାଯାଇଥିଲା । ତନ୍ମଧ୍ୟରୁ କଟକ ଜିଲ୍ଲାରେ ସର୍ବମୋଟ ୧୯ଟି, ସମ୍ବଲପୁର ଜିଲ୍ଲାରେ ୪ଟି, ପୁରୀ ଜିଲ୍ଲାରେ ୨ଟି ଓ ଗଞ୍ଜାମ ଜିଲ୍ଲାରେ ୪ଟି ଶ୍ରମିକ ସଂଗଠନ ରେଜିଷ୍ଟ୍ରିଭୁକ୍ତ ହୋଇଥିଲା । ଶ୍ରମିକ ସଂଗଠନଗୁଡ଼ିକ ମୁଖ୍ୟତଃ କୋଇଲା ଖଣି, ବ୍ରଜରାଜ ନଗରର ବିଡ଼ି କାରଖାନା (କଟକ ଓ ସମ୍ବଲପୁର), କାଚ କାରଖାନା (ବାରଙ୍ଗ ଓ କଟକ), ମୁଦ୍ରଣାଳୟ, (ସରକାରୀ ମୁଦ୍ରଣାଳୟ, କଟକ) ମୁନିସିପାଲିଟି, (ସମ୍ବଲପୁର ଓ କଟକ) ମୋଟର ପରିବହନ (ବ୍ରହ୍ମପୁର ଓ କଟକ), ପ୍ରାଥମିକ ଶିକ୍ଷାନୁଷ୍ଠାନ (କଟକ, ପୁରୀ ଓ ଗଞ୍ଜାମ ଜିଲ୍ଲା), ଓରିଏଣ୍ଟ କାଗଜ କଳ (ବ୍ରଜରାଜନଗର), କଟକ ଇଲେକ୍ଟ୍ରିସିଟି କମ୍ପାନୀ ଇତ୍ୟାଦି ।

୧୯୪୭ ମସିହାରେ ସର୍ବମୋଟ ୧୯ଟି ଶ୍ରମିକ ସଙ୍ଗଠନ ୧୯୨୬ ଆଇନ୍ ଅନୁସାରେ ପଞ୍ଜିକୃତ ହୋଇଥିଲା । ଏଥିମଧ୍ୟରୁ ୮ଟି ଶ୍ରମିକମାନଙ୍କ ଦ୍ୱାରା, ୮ଟି କଂଗ୍ରେସ ନେତାମାନଙ୍କ ଦ୍ୱାରା ଓ ଅନ୍ୟ ତିନିଗୋଟି ସମାଜସେବୀମାନଙ୍କ ଦ୍ୱାରା ଗଠିତ ହୋଇଥିଲା । ଏ ପ୍ରକ୍ରିୟା ଅଦ୍ୟାବଧି ପ୍ରାୟ ସେହିପରି । କେତେକ ଟ୍ରେଡ୍ ୟୁନିୟନ କେବଳ ଶ୍ରମିକମାନଙ୍କ ଦ୍ୱାରା ଗଠନ କରାଯାଇଥିବା ବେଳେ, ଅନ୍ୟ କେତେକ ଟ୍ରେଡ୍ ୟୁନିୟନର ନେତୃତ୍ୱ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱେଚ୍ଛାସେବୀ ସଂସ୍ଥା ଉପରେ ନ୍ୟସ୍ତ ।

୧୯୫୩ ମସିହାରେ ଶ୍ରମ ନିର୍ଦ୍ଦେଶାଳୟ ଓ ଶ୍ରମ କମିଶନର ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ରୂପେ ସଙ୍ଗଠିତ ହେଲା । ଏହା ଫଳରେ ରେଜିଷ୍ଟ୍ରିଭୁକ୍ତ ଶ୍ରମିକ ସଙ୍ଗଠନଗୁଡ଼ିକର ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଉଛି ଏବଂ ଶ୍ରମ ଆଇନ କଡ଼ାକଡ଼ି ଲାଗୁ କରାଯାଇ ଶିଳ୍ପ ସମ୍ପର୍କରେ ଭାରସାମ୍ୟ ରକ୍ଷା କରାଯାଉଛି । ଏହା ଫଳରେ ଶ୍ରମିକମାନେ ଆଇନଗତ ଅଧିକାରକୁ ସାବ୍ୟସ୍ତ କରିବାର ମାର୍ଗ ସୁଗମ ହୋଇଛି । ୧୯୫୧ ମସିହାଠାରୁ ଭାରତରେ ପଞ୍ଚବାର୍ଷିକ ଯୋଜନାର ସୂତ୍ରପାତ ହେଲା । ୧୯୫୧ରୁ ୧୯୬୭ ମଧ୍ୟରେ ଓଡ଼ିଶାରେ ଅନେକଗୁଡ଼ିଏ କାରଖାନା ସରକାରୀ ଉଦ୍ୟମରେ ପ୍ରତିଷ୍ଠା ହେଲା । ତନ୍ମଧ୍ୟରୁ ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ, ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପ, ତାଳଚେର ତାପଜ ବିଦ୍ୟୁତ୍ ପ୍ରକଳ୍ପ, ରାଉରକେଲା ଇସ୍ପାତ କାରଖାନା, ଓଡ଼ିଶା ସଡ଼କ ପରିବହନ କମ୍ପାନୀ, ରାଜ୍ୟ ସଡ଼କ ପରିବହନ ସଂସ୍ଥା, ୧୯୬୨ରେ ପ୍ରତିଷ୍ଠିତ ଓଡ଼ିଶା ଶିଳ୍ପ ନିଗମ ଗୋଟିଏ ସିମେଣ୍ଟ କାରଖାନା ଓ ଗୋଟିଏ ଇସ୍ପାତ ପ୍ରକଳ୍ପ ସମେତ ୫ଟି ବୃହତ ଶିଳ୍ପ ପ୍ରତିଷ୍ଠା ଅନ୍ୟତମ । ଏହା ଫଳରେ ଶ୍ରମିକ ସଂଗଠନର ପଞ୍ଜିକରଣରେ ବୃଦ୍ଧି ପାଇଲା । ଉଭୟ ସରକାରୀ ଓ ବେସରକାରୀ ଶିଳ୍ପ ସଂସ୍ଥାରେ ୟୁନିୟନମାନ ଗଠନ କରାଯାଇ ୧୯୬୭ ମସିହା ଶେଷକୁ ୯୧୨ଟି ୟୁନିୟନର ସଭ୍ୟ ସଂଖ୍ୟା ୬୯,୭୫୨ ହୋଇଥିଲା । ୨୦୧୦ ମସିହା ଶେଷ ସୁଦ୍ଧା ଓଡ଼ିଶାରେ ୨୧୦୧ ଗୋଟି ପଞ୍ଜିକୃତ ୟୁନିୟନ ଥିବାବେଳେ ଏହାର ସଭ୍ୟସଂଖ୍ୟା ହେଲା ୩୫,୪୧,୭୨୫ ।

ରାଜନୈତିକ ଆଦର୍ଶର ଭିନ୍ନତା ହେତୁ ଟ୍ରେଡ୍ ୟୁନିୟନମାନେ ରାଷ୍ଟ୍ରୀୟ ସ୍ତରରେ ଭାଗ ଭାଗ ହୋଇଯିବା ଫଳରେ ଯେଉଁ କେତେକ ଟ୍ରେଡ ୟୁନିୟନ ରାଷ୍ଟ୍ରୀୟ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ସେମାନେ ହେଲେ– ଆଇଏନଟିୟୁସି, ଏଆଇଟିୟୁସି, ଏଚ୍ଏମ୍ଏସ୍, ସିଆଇଟିୟୁ, ଏଆଇଟିୟୁସି, ଏଆଇୟୁଟିୟୁସି, ୟୁଟିୟୁସି, ଏଆଇସିସିଟିୟୁ, ଏଲପିଏଫଓସେଓ୍ୱା । ଓଡ଼ିଶାରେ ଉପରୋକ୍ତ କେନ୍ଦ୍ରୀୟ ଟ୍ରେଡ୍

ୟୁନିୟନମାନଙ୍କ ମଧ୍ୟରୁ ଆଇଏନ୍‌ଟିୟୁସି, ଏଆଇୟୁଟିୟୁସି, ଏଚଏମ୍‌ଏସ୍, ବିଏମ୍‌ଏସ୍, ସିଆଇଟିୟୁ,ଏଆଇଟିୟୁସି, ଏନ୍‌ଏଫ୍‌ଆଇଟିୟୁ, ଏଆଇସିସିଟିୟୁ ଓ ଅନ୍ୟାନ୍ୟ ସ୍ୱାଧୀନ ଟ୍ରେଡ୍ ୟୁନିୟନ ରହିଛନ୍ତି । ବିଭିନ୍ନ ଶିଳ୍ପକ୍ଷେତ୍ରରେ ଓ ଅଣସଂଗଠିତ କ୍ଷେତ୍ରରେ ଶ୍ରମିକ ସଂଗଠନମାନେ ଟ୍ରେଡ୍ ୟୁନିୟନ୍ ପଞ୍ଜିକରଣ କରୁଛନ୍ତି । ଶ୍ରମ ନିର୍ଦ୍ଦେଶାଳୟ ପକ୍ଷରୁ ସମୁଦାୟ ୨୫ଗୋଟି ଆଇନକୁ ଲାଗୁ କରାଯାଇଛି । ବିଭିନ୍ନ ଶ୍ରମ ଆଇନ୍ ବିଶେଷ କରି ସର୍ବନିମ୍ନ ମଜୁରି ଆଇନ୍, ମଜୁରି ପ୍ରଦାନ ଆଇନ, ଠିକା ଶ୍ରମିକ (ନିୟନ୍ତ୍ରଣ ଉଚ୍ଛେଦ ଆଇନ, ଓଡ଼ିଶା ଦୋକାନ ବଜାର ଓ ବାଣିଜ୍ୟ) ପ୍ରତିଷ୍ଠାନ ଆଇନ, ଆନ୍ତଃ ରାଜ୍ୟ ପ୍ରବାସିକ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବାସର୍ତ୍ତ) ଆଇନ୍, ମୋଟର ପରିବହନ ଶ୍ରମିକ ଆଇନ, ଶିଶୁ ଶ୍ରମିକ (ଉଚ୍ଛେଦ ଓ ନିୟନ୍ତ୍ରଣ) ଆଇନ୍ ଇତ୍ୟାଦିକୁ କଡାକଡି ଲାଗୁ କରାଯିବାକୁ ଚେଷ୍ଟା କରାଯାଇଛି । ଶ୍ରମ ଆଇନ ସମ୍ପର୍କରେ ଉପଦେଶ ଦେବା ପାଇଁ ବିଭିନ୍ନ ତ୍ରିପାକ୍ଷିକ ଉପଦେଷ୍ଟା କମିଟି ଗଠନ କରାଯାଇଛି । ଓଡ଼ିଶାରେ ଜଗତୀକରଣର ପ୍ରଭାବ, ଶ୍ରମ ଆଇନର ମନ୍ଥର ଓ କ୍ରିୟାହୀନ ଧାରା, ଶ୍ରମ ବିଭାଗରେ ଲୋକଶକ୍ତିର ଅଭାବ ଯୋଗୁଁ ଶ୍ରମିକମାନଙ୍କୁ ଯେତେଶୀଘ୍ର ସୁଫଳ ମିଳିବା କଥା ତାହା ହୋଇପାରୁନି । ଯଦିଓ ଶ୍ରମ ନିର୍ଦ୍ଦେଶାଳୟ ଶ୍ରମ ଆଇନ୍ ଖିଲାଫକାରୀ ମାଲିକମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେଷ୍ଟା କରୁଛି । ରାଜ୍ୟରେ ସର୍ବନିମ୍ନ ମଜୁରି ଲାଗୁ ହେବା ପାଇଁ ୮୪ଟି ନିଯୁକ୍ତି ପ୍ରତିଷ୍ଠା ରହିଛି । ସର୍ବନିମ୍ନ ମଜୁରି ବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ସର୍ବନିମ୍ନ ମଜୁରି ଯେଉଁ ଯେଉଁ ପ୍ରତିଷ୍ଠାନ ଲାଗୁ କରୁନାହାନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ୨୦୦୯ ମସିହାରେ ସମୁଦାୟ ୭୦୫ଗୋଟି କେଶ୍ ଦାୟର କରାଯାଇଛି । ସର୍ବନିମ୍ନ ମଜୁରିର ସଂଶୋଧନ ପାଇଁ ପଦକ୍ଷେପ ନିଆଯାଇ ସରକାରୀଭାବେ ବିଜ୍ଞପ୍ତି ମାଧ୍ୟମରେ ଆପତ୍ତି ଅଭିଯୋଗ ଶୁଣାଣି ଚାଲୁରହିଛି । ନିର୍ମାଣରେ କାର୍ଯ୍ୟ କରୁଥିବା ନିର୍ମାଣ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା ପାଇଁ ନିର୍ମାଣବୋର୍ଡ ଗଠନ କରାଯାଇଛି ଏବଂ ନିର୍ମାଣ ଶ୍ରମିକମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ୨୦୧୧ ମସିହା ଶେଷସୁଦ୍ଧା ପ୍ରାୟ ୧ଲକ୍ଷରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ଏହି ପରିଚୟପତ୍ର ପାଇଛନ୍ତି । ଏତଦ୍‌ବ୍ୟତୀତ ଯେଉଁମାନେ ଅନ୍ୟ ରାଜ୍ୟକୁ ଶ୍ରମିକ ଭାବରେ କାର୍ଯ୍ୟ କରିବାକୁ ଯାଉଛନ୍ତି ଏବଂ ବିଭିନ୍ନ ଶୋଷଣର ଶୀକାର ହେଉଛନ୍ତି, ସେଥିପ୍ରତି ଧ୍ୟାନ ଦିଆଯାଇଛି । ଏହିପରି ୮୮୪ ଜଣ ଶ୍ରମିକମାନଙ୍କୁ ୨୦୧୧ ମସିହାରେ ଉଦ୍ଧାର କରାଯାଇଛି । ଦାରିଦ୍ର୍ୟର ସୀମାରେଖା ତଳେ ଥିବା ଗରିବ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା କାର୍ଯ୍ୟକାରୀ ହେଉଛି । ୨୦୧୨ ଏପ୍ରିଲ ସୁଦ୍ଧା ରାଜ୍ୟରେ ୧୧୪ ଲକ୍ଷ ପରିବାରକୁ ଏଥିରେ ପଞ୍ଜିକୃତ କରାଯାଇଛି । ଅଦ୍ୟାବଧି ୩୦କୋଟି ୧୬ଲକ୍ଷ ଟଙ୍କା ଏହି କ୍ଷେତ୍ରରେ ଖର୍ଚ୍ଚ ହୋଇଛି। ଶିଶୁ ଶ୍ରମିକ ସର୍ଭେ କାର୍ଯ୍ୟ କରାଯାଇ ସେମାନଙ୍କୁ ଥଇଥାନ କରିବାର ପଦକ୍ଷେପ ଜାରି ରହିଛି । ୨୪ଗୋଟି ଜିଲ୍ଲାରେ ଶିଶୁ ଶ୍ରମିକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ବର୍ତ୍ତମାନ ସୁଦ୍ଧା ୧୭ଟି ଜିଲ୍ଲାରେ ନୂତନ ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।

ଓଡ଼ିଶାରେ ବିଗତ ଦଶବର୍ଷରେ ବହୁ ବୃହତ୍ତ, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ଗଢି ଉଠିଛି ଏବଂ ଯାହାଫଳରେ ଅନେକ ସମୟରେ ଶ୍ରମିକ ଅଶାନ୍ତି ପରିଲକ୍ଷିତ ହେଉଛି । ଶ୍ରମିକ ସଂଗଠନମାନେ କେତେକ ସ୍ଥଳରେ ହିଂସା ଆଚରଣ କରୁଛନ୍ତି । ଶିଳ୍ପ କ୍ଷେତ୍ରରେ ଉତ୍ପନ୍ନ ହେଉଥିବା ବିବାଦକୁ ମାଲିକ ଓ ଶ୍ରମିକ ମଧ୍ୟରେ ଆପୋଷ ସମାଧାନ କରିବାକୁ ଶ୍ରମ ନିର୍ଦ୍ଦେଶାଳୟ ପ୍ରଚେଷ୍ଟା ଜାରି ରହିଛି । ଓଡ଼ିଶାରେ ଶ୍ରମିକ ଶ୍ରେଣୀର ନେତୃତ୍ୱ ମୁଖ୍ୟତଃ ରାଜନୈତିକ ଦଳମାନଙ୍କର ନେତୃସ୍ଥାନୀୟ ବ୍ୟକ୍ତିବିଶେଷ ନେଉଛନ୍ତି । ସଙ୍ଗଠିତ ଓ ଅସଙ୍ଗଠିତ କ୍ଷେତ୍ରରେ ଶ୍ରମିକମାନେ ନିଜର ଅଧିକାରକୁ ଜାହିର କରିବା ପାଇଁ ପଞ୍ଜିକୃତ ହେଉଛନ୍ତି ଏବଂ ଆନ୍ଦୋଳନ ମଧ୍ୟ କରୁଛନ୍ତି । ବହୁ ସମୟରେ ଶ୍ରମିକ ସଙ୍ଗଠକମାନେ ଆଲୋଚନାକୁ ଅଗ୍ରାଧିକାର ନଦେଇ କୋର୍ଟ କଚେରୀର ଆଶ୍ରୟ ନେଉଥିବା ଫଳରେ ସେମାନଙ୍କର ଦାବି ହାସଲରେ ବିଳମ୍ବ ହେଉଛି । ଶ୍ରମ ନିର୍ଦ୍ଦେଶାଳୟର ଭୂମିକା ଗୌଣ ହୋଇଯାଉଛି । ଅନେକ ଶ୍ରମିକ ସଙ୍ଗଠନ ଆଲୋଚନା ମାଧ୍ୟମରେ ବହୁ ଦାବି ହାସଲ କରିବାକୁ ସକ୍ଷମ ହୋଇଛନ୍ତି ।

ଆନ୍ତର୍ଜାତୀୟ ଶ୍ରମିକ ଦିବସ ୮ଘଣ୍ଟା କାମର ଦାବିନେଇ ଶ୍ରମିକ ଶ୍ରେଣୀର ସଂଗ୍ରାମରୁ ଜନ୍ମ । ଆଜି ଶ୍ରମିକ ଶ୍ରେଣୀ ଆଗରେ ଅନେକ ଆଇନ ସଂସଦ ଦ୍ୱାରା ପ୍ରସ୍ତୁତ ହୋଇଛି । ଶୋଷଣକୁ ପ୍ରତିହତ କରିବାକୁ ହେଲେ ଶ୍ରମିକ ଶ୍ରେଣୀକୁ ପ୍ରଚଳିତ ଆଇନ୍‌କୁ ଲାଗୁ କରିବା ପାଇଁ ଏବଂ ନୂତନ ଆଇନ୍ ଗଠନ ପାଇଁ ସଚେତନ ହେବାକୁ ହେବ । ଓଡ଼ିଶାର ଶ୍ରମ ନିର୍ଦ୍ଦେଶାଳୟ ଏ ଦିଗରେ ପଦକ୍ଷେପ ନେଇ ଶ୍ରମିକମାନଙ୍କୁ ସେମାନଙ୍କର ନ୍ୟାୟପୂର୍ଣ୍ଣ ନ୍ୟାର୍ଯ୍ୟ ଦାବି ଦେବା ସହିତ ଶାଣିତ ଓ ଶକ୍ତିଶାଳୀ କରିବାକୁ ସତତ ଯତ୍ନଶୀଳ ଏବଂ ଶ୍ରମିକମାନଙ୍କ ପାଇଁ ସଦା କାର୍ଯ୍ୟରତ ।

ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ,
ଖାରବେଳ ନଗର, ଭୁବନେଶ୍ୱର